# NATIONAL NEWS BULLETIN (ODIA)
## 5 March - 2025
## Evening Bulletin : 7.15 P.M.

********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ‘ବିବିଧତା କା ଅମୃତ ମହୋତ୍ସବ’ର ଶୁଭାରମ୍ଭ କଲେ ରାଷ୍ଟ୍ରପତି ।
- ଦେଶରେ ଷ୍ଟାର୍ଟଅପ୍, ଗବେଷଣା ଓ ନବସୃଜନକୁ ପ୍ରୋତ୍ସାହନ ଦେବା ଲାଗି ବିବିଧ ପଦକ୍ଷେପ ଗ୍ରହଣ କରିଛନ୍ତି ସରକାର, କହିଲେ ପ୍ରଧାନମନ୍ତ୍ରୀ ।
- ପଶୁ ଔଷଧୀ ଯୋଜନା ମାଧ୍ୟମରେ ଉତ୍ତମମାନର ଔଷଧ ସୁଲଭ ମୂଲ୍ୟରେ ଯୋଗାଇଦେବାକୁ କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି ।
- ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକୁ ତୃଣମୂଳ ସ୍ତରରେ କାର୍ଯ୍ୟ କରାଇବା ଦିଗରେ ଗ୍ରାମପଞ୍ଚାୟତ ପ୍ରତିନିଧିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, କହିଲେ କେନ୍ଦ୍ର ପଞ୍ଚାୟତରାଜ ରାଷ୍ଟ୍ରମନ୍ତ୍ରୀ ।

ଏବଂ

- ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ଆଜି ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୩୬୩ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ନ୍ୟୁଜିଲାଣ୍ଡ ।

## ପ୍ରେସିଡେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ବାର୍ଷିକ ସାଂସ୍କୃତିକ ମହୋତ୍ସବ 'ବିବିଧତା କା ଅମୃତ ମହୋତ୍ସବ'ର ଶୁଭାରମ୍ଭ କରିଛନ୍ତି । ଏହି ମହୋତ୍ସବରେ ଦେଶର ବିଭିନ୍ନ ଅଞ୍ଚଳର ସାଂସ୍କୃତିକ ପରମ୍ପରା ତଥା ବିବିଧ ଐତିହ୍ୟର ପ୍ରଦର୍ଶନ କରାଯିବ । ଏହା ଫଳରେ ରାଷ୍ଟ୍ରପତି ଭବନ ସାଂସ୍କୃତିକ ବିନିମୟର କେନ୍ଦ୍ରବିନ୍ଦୁ ହୋଇପାରିବା ସହ ଭାରତର ଜୀବନ୍ତ ଐତିହ୍ୟ ଗୁଡ଼ିକୁ ଦେଶବାସୀଙ୍କ ନିକଟତର କରାଯାଇପାରିବ ବୋଲି ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ହସ୍ତଶିଳ୍ପୀ ଏବଂ ବୁଣାକାର ସେମାନଙ୍କର ପାରମ୍ପରିକ ହସ୍ତକଳା ଓ ହସ୍ତତନ୍ତ ଉତ୍ପାଦଗୁଡ଼ିକ ପ୍ରଦର୍ଶନ କରିବେ । ଏହି ମହୋତ୍ସବ ଆସନ୍ତାକାଲିଠାରୁ ୯ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଲାଗି ଦିନ ୧୦ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରହିବ ।

# ପିଏମ୍-ୱେବିନାର

ଦେଶରେ ଷ୍ଟାର୍ଟଅପ୍ ଗୁଡ଼ିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସରକାର ବଜେଟ୍‌ରେ ବିବିଧ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନିଯୁକ୍ତି ସମ୍ପର୍କିତ ବଜେଟ୍ ପରବର୍ତ୍ତି ୱେବିନାରକୁ ଆଜି ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ଦେଶରେ ଷ୍ଟାର୍ଟଅପ୍ ବ୍ୟତୀତ ଗବେଷଣା ଏବଂ ନବସୃଜନକୁ ମଧ୍ୟ ପ୍ରୋତ୍ସାହନ ଦେବା ଲାଗି ୧ ଲକ୍ଷ କୋଟି ଟଙ୍କାର ଏକ କର୍ପସ୍ ପାଣ୍ଠି ଗଠନ କରାଯାଇଛି । ସରକାର ଦେଶର ସାମଗ୍ରୀକ ବିକାଶ ତଥା ଏକ ବିକଶିତ ଭାରତ ଗଠନର ସ୍ୱପ୍ନ ହାସଲ ଲାଗି ଅର୍ଥନୀତି ଓ ନବସୃଜନ ସହିତ ଭିତ୍ତିଭୂମି ଏବଂ ଶିଳ୍ପ କ୍ଷେତ୍ର ଉପରେ ମଧ୍ୟ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O- PM**

# ପିଏମ୍-ଉତ୍ତରାଖଣ୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଉତ୍ତରାଖଣ୍ଡ ଗସ୍ତରେ ଯିବେ । ସେ ମୁକାୱାଠାରେ ମା' ଗଙ୍ଗାଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଶ୍ରୀ ମୋଦୀ ହାର୍ସିଲଠାରେ ଟ୍ରେକ୍ ଓ

ବାଇକ୍ ର୍ୟାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ସାଧାରଣ ସଭାରେ ଯୋଗଦେବେ । ଚଳିତବର୍ଷ ଉତ୍ତରାଖଣ୍ଡ ସରକାର ଶୀତ ପର୍ଯ୍ୟଟନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି ଉପଲକ୍ଷେ ଗଙ୍ଗୋତ୍ରୀ, ଯମୁନେତ୍ରୀ, କେଦାରନାଥ ଏବଂ ବଦ୍ରିନାଥ ଠାରେ ହେଉଥିବା କାର୍ଯ୍ୟକ୍ରମକୁ ଅନେକ ହଜାର ଶ୍ରଦ୍ଧାଳୁ ପରିଦର୍ଶନ କରିଛନ୍ତି । ଧର୍ମୀୟ ପର୍ଯ୍ୟଟନକୁ ପ୍ରସାର କରିବା ସହ ସ୍ଥାନୀୟ ଅର୍ଥନୀତି, ପର୍ଯ୍ୟଟନ ବ୍ୟବସାୟକୁ ତ୍ୱରାନ୍ୱିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କୁହାଯାଉଛି ।

## କ୍ୟାବିନେଟ୍

ଦେଶରେ ପଶୁପାଳନ, ସ୍ୱାସ୍ଥ୍ୟ ଓ ରୋଗ ପ୍ରତିରୋଧ ଲାଗି ୩ ହଜାର ୮୮୦ କୋଟି ଟଙ୍କା ଖର୍ଚ୍ଚ ସମ୍ପର୍କିତ ଏକ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ଆଜି ଅନୁମୋଦନ କରିଛି । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ଅଭିଯାନରେ ଟିକାକରଣ କାର୍ଯ୍ୟକ୍ରମ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ । ଯାହାକି ଚାଷୀମାନଙ୍କୁ ସାହାଯ୍ୟ କରିବ । ଏତଦ୍ ବ୍ୟତୀତ ପଶୁ ଔଷଧୀ ଯୋଜନା ମାଧ୍ୟମରେ ଉତ୍ତମମାନର ପଶୁ ଔଷଧ ସୁଲଭ ମୂଲ୍ୟରେ ଯୋଗାଇଦେବାକୁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

କେନ୍ଦ୍ର କ୍ୟାବିନେଟ୍‌ର ଅନ୍ୟ ଏକ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ସୋନପ୍ରୟାଗ ଠାରୁ କେଦାରନାଥ ପର୍ଯ୍ୟନ୍ତ ୧୨ ଦଶମିକ ୯ କିଲୋମିଟର ଦୀର୍ଘ ରୋପ୍‌ୱେର ବିକାଶ ସମ୍ପର୍କିତ ପ୍ରସ୍ତାବ ମଧ୍ୟ ଆଜି କ୍ୟାବିନେଟ୍‌ରେ ପାରିତ ହୋଇଛି । ଏଥିଲାଗି ୪ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହାଦ୍ୱାରା ତୀର୍ଥଯାତ୍ରୀମାନଙ୍କର ୮ରୁ ୯ ଘଣ୍ଟାର ଯାତ୍ରାକୁ ମାତ୍ର ୩୬ ମିନିଟ୍‌କୁ ହ୍ରାସ କରାଯାଇ ପାରିବ । ଏହି ପ୍ରକଳ୍ପ ଦ୍ୱାରା ଦିବ୍ୟାଙ୍ଗ ଏବଂ ବୟସ୍କ ଶ୍ରଦ୍ଧାଳୁ ବିଶେଷ ଭାବେ ଉପକୃତ ହେଇପାରିବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି, ହେମକୁଣ୍ଡ ସାହେବ ରୋପ୍‌ୱେର ମଧ୍ୟ ବିକାଶ କରାଯିବ । ୧୨ ଦଶମିକ୍ ୪ କିଲୋମିଟର ଦୀର୍ଘ ଏହି ରୋପ୍‌ୱେର ବିକାଶ ଲାଗି ୨ହଜାର ୭୩୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

**V/O-**

## ଗ୍ରାମପଞ୍ଚାୟତ-ଡ୍ରିମ୍ୟାନ୍

ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକୁ ତୃଣମୂଳ ସ୍ତରରେ ସଫଳତାର ସହ କାର୍ଯ୍ୟ କରାଇବା ଦିଗରେ ଗ୍ରାମପଞ୍ଚାୟତ

ପ୍ରତିନିଧିମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କେନ୍ଦ୍ର ପଞ୍ଚାୟତରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂହ ବାଘେଲ କହିଛନ୍ତି । ପଞ୍ଚାୟତରାଜ ମନ୍ତ୍ରଣାଳୟ ଦ୍ୱାରା ଆଜି ନୂଆଦିଲ୍ଲୀ ଠାରେ ଆୟୋଜିତ ମହିଳା ଅନୁକୂଳ ଆଦର୍ଶ ଗ୍ରାମପଞ୍ଚାୟତ ସମ୍ପର୍କିତ ଜାତୀୟ ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଏହି ଅବସରରେ ପଞ୍ଚାୟତ ଗୁଡ଼ିକର କାର୍ଯ୍ୟଶୈଳୀ ଉପରେ ପ୍ରଫେସର ବାଘେଲ ଆଲୋକପାତ କରିଛନ୍ତି । ଏହାଛଡ଼ା ସରକାରଙ୍କ ନିୟମ ମଧ୍ୟରେ ରହି ପ୍ରତ୍ୟେକ ଯୋଜନାର ସୁଫଳ ଯେଭଳି ତୃଣମୂଳ ସ୍ତରରେ ପହଞ୍ଚିପାରିବ ସେ ଦିଗରେ ଯତ୍ନବାନ ହେବାକୁ ସେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଏହି ସମ୍ମିଳନୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଉଦ୍‌ବୋଧନ ଦେଇ କହିଛନ୍ତି, ସରକାର ବିକାଶର ତତ୍ତ୍ୱକୁ ପରିବର୍ତ୍ତନ କରିଛନ୍ତି । ବର୍ତ୍ତମାନ ମହିଳା ନେତୃତ୍ୱ ବିକାଶ ଉପରେ ସରକାର ବିଶେଷ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛନ୍ତି । ଯାହାକି ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଦେଶ ଭାବରେ ଗଢ଼ିତୋଳିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଶ୍ରୀମତୀ ପଟେଲ କହିଛନ୍ତି ।

ଏଠାରେ ସୂଚନା ଦିଆଯାଇପାରେ ଆନ୍ତର୍ଜାତିକ ମହିଳା ଦିବସ ୨୦୨୫ ପାଳନର ଏକ ଅଂଶବିଶେଷ ସ୍ୱରୂପ ଏହି ସମ୍ମିଳନୀ ଆୟୋଜନ

କରାଯାଇଛି । ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ମହିଳା ଅନୁକୂଳ ଗ୍ରାମପଞ୍ଚାୟତ ସ୍ଥାପନ କରିବା ଏହି ମନ୍ତ୍ରଣାଳୟର ଲକ୍ଷ୍ୟ ରହିଛି । ଲିଙ୍ଗଗତ ସମ୍ବେଦନଶୀଳଳତା ଏବଂ ବାଳିକା ଅନୁକୂଳ ଶାସନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ଏହି ପଦକ୍ଷେପ ବିଶେଷ ସହାୟକ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଉଛି ।

## ଜ୍ୟୋତିରାଦିତ୍ୟ ସିନ୍ଧିଆ

ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି, ନବସୃଜନ, ସମାବେଶି, ସ୍ଥାୟୀତ୍ୱ ଏବଂ ବିଶ୍ୱାସ' ପ୍ରଯୁକ୍ତି ବିଦ୍ୟା ଜନିତ ସୁ-ଶାସନ ନୀତିର ପଥ ପ୍ରଦର୍ଶକ ହୋଇପାରିଛି । ସ୍ପେନ୍‌ର ବାର୍ସେଲୋନାରେ ଅନୁଷ୍ଠିତ ବିଶ୍ୱ ମୋବାଇଲ୍  କଂଗ୍ରେସରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ସିନ୍ଧିଆ ଦେଶର ପ୍ରତ୍ୟେକ ନାଗରିକଙ୍କୁ ଆଧାର ଏବଂ ଭାରତ ନେଟ୍ ସେବାର ସୁଫଳ ଯୋଗାଇଦେବା ଉପରେ ଏହି ଅବସରରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ଭାରତରେ  ଉପଭୋକ୍ତାଙ୍କର ସୁରକ୍ଷା ଦିଗରେ ସାଇବର ନିରାପତ୍ତା ଲାଗି ସରକାର ଅନେକ ପଦକ୍ଷେପ ନେଇଛନ୍ତି । ସେହିଭଳି ଜନସାଧାରଣଙ୍କ ସୁବିଧା ଲାଗି ସରକାର ଏକ ସନ୍ତୁଳିତ ଉପାୟରେ ସ୍ପେକ୍ଟ୍ରମ୍ ପରିଚାଳନା, ବଜାର ସ୍ଥିରତା ଏବଂ ଟେଲିକମ୍ ନିୟନ୍ତ୍ରଣ ଜନିତ ନୀତି ଦେଶରେ ଲାଗୁ କରିଛନ୍ତି ବୋଲି ଶ୍ରୀ

ସିନ୍ଧିଆ କହିଛନ୍ତି । ଏହି ଅବସରରେ ଶ୍ରୀ ସିନ୍ଧିଆ ଭାରତୀୟ ମୋବାଇଲ୍ କଂଗ୍ରେସ ଏବଂ ଭାରତ ପ୍ୟାଭିଲିୟନ୍‌ର ଉଦ୍‌ଘାଟନ କରିଛନ୍ତି ।

## ଟ୍ରମ୍ପ୍-ଟେରୋରିଷ୍ଟ

ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ୨୦୨୧ ଅଗଷ୍ଟ ମାସରେ କାବୁଲ୍ ବିମାନ ବନ୍ଦର ଉପରେ ଆତଙ୍କବାଦୀ ବୋମା ଆକ୍ରମଣ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଚିହ୍ନଟ କରାଯିବା ସହିତ ବିଚାର ନିମନ୍ତେ ଆମେରିକାକୁ ଅଣାଯାଉଛି । ଆବେଗେଟ୍ ଠାରେ ହୋଇଥିବା ଏହି ବୋମା ଆକ୍ରମଣ ଘଟଣାରେ ଆଇ.ଏସ୍.ଆଇ.ଏସ୍. ଆତଙ୍କବାଦୀ ସଂଗଠନ ଦାୟୀ ବୋଲି ସେ କହିଛନ୍ତି । ଏଥିରେ ଆଫ୍‌ଗାନିସ୍ତାନରୁ ଆମେରିକା ଫେରୁଥିବା ସମୟରେ ୧୩ ଜଣ ଆମେରିକୀୟ ସୈନିକଙ୍କର ମୃତ୍ୟୁ ହେବା ସହ ଅନେକ ଆହତ ହୋଇଥିଲେ । ଦ୍ୱିତୀୟଥର ରାଷ୍ଟ୍ରପତି ହେବା ପରେ ଆମେରିକା କଂଗ୍ରେସରେ ପ୍ରଥମ ଉଦ୍‌ବୋଧନ ଦେଇ ଶ୍ରୀ ଟ୍ରମ୍ପ୍ ଏହା କହିଛନ୍ତି । ଆତଙ୍କବାଦକୁ ମୂଳୋତ୍ପାଟନ କରିବା ଦିଗରେ ଏହି ପଦକ୍ଷେପ ଆମେରିକାର ପ୍ରତିଶ୍ରୁତିବଦ୍ଧତାର ଅଂଶ ସ୍ୱରୂପ ବୋଲି ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି ।

# କ୍ରିକେଟ୍

ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ଆଜି ଦକ୍ଷିଣ ଆଫ୍ରିକା ସମ୍ମୁଖରେ ନ୍ୟୁଜିଲାଣ୍ଡ ୩୬୩ରନ୍ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ପାକିସ୍ତାନର ଲାହୋରଠାରେ ଚାଲିଥିବା ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ୍ ହରାଇ ୩୬୨ରନ୍ କରିଥିଲା । ଦଳ ପକ୍ଷରୁ ରଚିନ୍ ରବୀନ୍ଦ୍ରା ୧୦୧ଟି ବଲ୍‌ରୁ ୧୦୮ରନ୍ କରିଥିବା ବେଳେ କେନ୍ ୱିଲିୟମ୍‌ସନ୍ ୯୪ଟି ବଲ୍‌ରୁ ୧୦୨ରନ୍ ସଂଗ୍ରହ କରିଛନ୍ତି । ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୁଙ୍ଗି ନିଗିଡି ୩ଟି ୱିକେଟ୍ ନେଇଥିବା ବେଳେ କାଗିସୋ ରାବାଡ଼ା ୨ଟି ଏବଂ ୱିୟାନ୍ ମୁଲଡର୍ ଗୋଟିଏ ୱିକେଟ୍ ଅକ୍ତିଆର କରିଛନ୍ତି ।

ସମ୍ବାଦଟି ପ୍ରସ୍ତୁତ ହେବା ସମୟରେ ଦକ୍ଷିଣ ଆଫ୍ରିକା ୮ ଓଭରରେ ଗୋଟିଏ ୱିକେଟ୍ ହରାଇ ୩୬ ରନ୍ ସଂଗ୍ରହ କରିଛି ।

ଆଜିକାର ମ୍ୟାଚ୍‌ର ବିଜେତା ଆସନ୍ତା ୯ତାରିଖ ରବିବାର ଦିନ ଦୁଇବାଇଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ଭାରତକୁ ଭେଟିବ । ଗତକାଲି ଦୁବାଇ ଠାରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ଭାରତ ଅଷ୍ଟ୍ରେଲିଆକୁ ୪ ୱିକେଟ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି । ଏଥିସହିତ ଭାରତ ତୃତୀୟଥର ଲାଗି ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି ।